No. J-11011/12/2009-Media

ଭାରତ ସରକାର,

ପଞ୍ଚାୟତିରାଜ ମନ୍ତ୍ରଣାଳୟ

କୃଷିଭବନ, ନୂଆଦିଲ୍ଲୀ

ତା ୨ ଅକ୍ଟୋବର, ୨୦୦୯

**ପ୍ରେରକ,**

ଏ.ଏନ୍.ପି. ସିହ୍ନା

ସଚିବ

**ପ୍ରାପ୍ତେଷୁ,**

ମୁଖ୍ୟ ସଚିବ,

ପ୍ରତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ

**ବିଷୟ- ଗ୍ରାମସଭାର ଫଂଳପ୍ରଦ କ୍ରିୟାଶୀଳତା ପାଇଁ ମାର୍ଗଦର୍ଶୀକା**

**ମହାଶୟ,**

ଗ୍ରାମ ପଞ୍ଚାୟତକୁ ଏକ ସ୍ୱୟଂଶାସିତ ତଥା ସ୍ୱଚ୍ଛ ଏବଂ ଉତ୍ତରଦାୟୀ ସତ୍ତା ଭାବେ କ୍ରିୟାଶୀଳ କରାଇବାର ଚାବିକାଠି ହେଉଛି ଗ୍ରାମସଭା । ଗ୍ରାମସଭା ହିଁ ହେଉଛି ଏକ ମଞ୍ଚ, ଯଦ୍ୱାରା ପ୍ରତ୍ୟକ୍ଷ ଓ ଭାଗିଦାରୀ ଗଣତନ୍ତ୍ରକୁ ସୁନିଶ୍ଚିତ କରାଯାଇ ପାରିବ । ଗ୍ରାମ ପଞ୍ଚାୟତ (କାର୍ଯ୍ୟପାଳିକା)ର ପ୍ରସ୍ତାବସମୂହକୁ ଆଲୋଚନା, ଅନୁମୋଦନ ବା ପ୍ରତ୍ୟାଖ୍ୟାନ କରିବା ତଥା ଏହାର କାର୍ଯ୍ୟାବଳୀକୁ ସମୀକ୍ଷା କରିବା ପାଇଁ ଗ୍ରାମସଭା ଗରିବ, ମହିଳା ଏବଂ ତଳସ୍ତରର ଲୋକମାନଙ୍କ ସମେତ ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ଦେଇଥାଏ । ଗ୍ରାମଗୁଡିକର ଯୋଜନାବଦ୍ଧ ଆର୍ଥିକ ଏବଂ ସାମାଜିକ ଅଗ୍ରଗତିକୁ ପ୍ରୋତ୍ସାହନ ଦେବାକୁ ହେଲେ ତହିଁର ଏକ ସକ୍ରୀୟ ମଞ୍ଚ ରୂପେ ଗ୍ରାମସଭା ଯେ ଅନିବାର୍ଯ୍ୟ, ସେ ବିଷୟ ଆମେ ୨୦୦୯-୧୦କୁ ଗ୍ରାମସଭା ବର୍ଷ ଭାବେ ପାଳନ କରିବା ଅବସରରେ ଗୁରୁତ୍ୱର ସହ ଚର୍ଚ୍ଚା କରିବା ଉଚିତ୍ ।

## ଗ୍ରାମସଭା ଏବଂ ସମ୍ବିଧାନ/ରାଜ୍ୟ ଆଇନ୍ ସମୂହ

୨. ସମ୍ବିଧାନରେ ସ୍ଥାନିତ ସଂଜ୍ଞା ଅନୁଯାୟୀ ଗ୍ରାମସଭା ହେଉଛି ଗୋଟିଏ ଗ୍ରାମ ପଞ୍ଚାୟତର ଇଲାକା ଭିତରେ ଥିବା ଗୋଟିଏ ଗ୍ରାମର ସମସ୍ତ ପଂଜିକୃତ ଭୋଟର୍‌ଙ୍କୁ ନେଇ ଗଠିତ ଏକ ସଂଗଠନ । ଧାରା ୨୪୩-ଏ ରେ କୁହାଯାଇଛି ଯେ, ଗୋଟିଏ ଗ୍ରାମସଭା ଗ୍ରାମ ସ୍ତରରେ ସେହିସବୁ କ୍ଷମତାର ପ୍ରୟୋଗ ଓ କାର୍ଯ୍ୟାବଳୀର ସମ୍ପାଦନ କରିପାରିବ, ଯାହାକି ଗୋଟିଏ ରାଜ୍ୟର ବିଧାୟିକା ଆଇନ୍ ପ୍ରଣୟନ ବଳରେ ସ୍ଥିର କରିପାରେ । ସୁତରାଂ ଗ୍ରାମସଭା ଉପରେ ନ୍ୟସ୍ତ ହେଉଥିବା କ୍ଷମତାସମୂହ ଗୋଟିଏ ରାଜ୍ୟଠାରୁ ଅନ୍ୟ ରାଜ୍ୟରେ ଭିନ୍ନ ହୋଇଥାଏ ।

୩. ପେସା ଆଇନ୍, ୧୯୯୬ ବଳରେ ଏହି ୯ଟି ରାଜ୍ୟର ଅନୁସୂଚୀତ ଅଞ୍ଚଳଗୁଡ଼ିକୁ ପଞ୍ଚାୟତ ସମୂହର ସଂପ୍ରସାରଣ ଘଟିସାରିଛି, ଯଥା ଆନ୍ଧ୍ରପ୍ରଦେଶ, ଛତିଶ୍‌ଗଡ, ଗୁଜୁରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ଓଡିଶା ଏବଂ ରାଜସ୍ଥାନ । ପେସା ଅଞ୍ଚଳ ଗୁଡିକରେ ଅନ୍ୟ ବିଷୟସମୂହ ସହିତ ନିମ୍ନୋକ୍ତ କ୍ଷେତ୍ରରେ ଗ୍ରାମସଭାର ଭୂମିକା ରହିଛି -

- ଲୋକମାନଙ୍କର ପରମ୍ପରା ଓ ପ୍ରଥାସମୂହ, ସେମାନଙ୍କର ସାଂସ୍କୃତିକ ଅସ୍ମିତା, ଗୋଷ୍ଠୀ ସମ୍ପଦସମୂହ ଏବଂ ବିବାଦ ମୀମାଂସାର ପାରମ୍ପରିକ ପ୍ରଣାଳୀସମୂହକୁ ସୁରକ୍ଷିତ ରଖିବା ପାଇଁ ଯୋଗ୍ୟତା;
- ସମସ୍ତ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପକୁ ଅନୁମୋଦନ, ସାମାଜିକ-ଆର୍ଥିକ ଉନ୍ନୟନ ପରିପ୍ରେକ୍ଷୀରେ ହିତାଧିକାରୀମାନଙ୍କୁ ଚିହ୍ନଟ ତଥା ପଞ୍ଚାୟତ ଦ୍ୱାରା ବ୍ୟୟିତ ପାଣ୍ଠିର ବିନିଯୋଗ ପ୍ରମାଣପତ୍ର ନିର୍ଗମନ ପାଇଁ ଅବଶ୍ୟ-ପାଳନୀୟ ପ୍ରଶାସନିକ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ସମୂହ ;
- ଭୂମି ଅଧିଗ୍ରହଣ, ପୁନର୍ବସତି ଓ ପୁନଃସଂସ୍ଥାନ, ଏବଂ ଲଘୁ ଖଣିଜର ଉତ୍ତୋଳନ ପାଇଁ ଲିଜ୍ ପ୍ରଦାନ ବ୍ୟାପାରରେ ବାଧ୍ୟତାମୂଳକ ଭାବେ ପରାମର୍ଶ (ପଞ୍ଚାୟତ ସହିତ) କରାଯିବାର ଅଧିକାର ;
- ଜମି ହାତଛଡା ହେବାର ପ୍ରକ୍ରିୟାକୁ ପ୍ରତିଷେଧ କରିବା ତଥା ହାତଛଡା ହୋଇଥବା ଜମିକୁ ପୁନଃ-ହସ୍ତାନ୍ତରଣ କରିବା ପାଇଁ କ୍ଷମତାସମୂହ ;
- ମଦ୍ୟସାମଗ୍ରୀର ବିକ୍ରୀବଟା ଓ ସେବନକୁ ନିୟନ୍ତ୍ରଣ କରିବା ପାଇଁ କ୍ଷମତାସମୂହ ;
- ଗ୍ରାମହାଟର ପରିଚାଳନା ଓ ଅନୁସୂଚୀତ ଜନଜାତିଙ୍କୁ ଋଣ କାରବାରର ନିୟନ୍ତ୍ରଣ ପାଇଁ କ୍ଷମତାସମୂହ;
- ସମସ୍ତ ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ଥିବା ସଂସ୍ଥାସମୂହ ଏବଂ କାର୍ଯ୍ୟନିର୍ବାହୀମାନଙ୍କୁ ନିୟନ୍ତ୍ରଣ କରିବାର କ୍ଷମତାସମୂହ, ଇତ୍ୟାଦି ।

**ସ୍ଥାନୀୟ ସ୍ୱାୟତ୍ତ-ଶାସନ (ଏଲ୍.ଏସ୍.ଜି.) ଉପରେ ପ୍ରଥମ ଗୋଲ୍‌ଟେବୁଲ୍ ଓ ଦ୍ୱିତୀୟ ପ୍ରଶାସନିକ ସଂସ୍କାର କମିଶନ୍ (ଏ.ଆର୍.ସି.)ଙ୍କ ସୁପାରିଶ୍-**

୪. ପଞ୍ଚାୟତିରାଜର ଦାୟିତ୍ୱ-ନିର୍ବାହୀ ମନ୍ତ୍ରୀମାନଙ୍କୁ ନେଇ ଜୁଲାଇ ୨୦୦୪ କୋଲକାତାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଗୋଲ୍‌ଟେବୁଲ୍‌ରେ ଏହା ସ୍ୱୀକୃତ ହୋଇଥିଲା ଯେ, ପଞ୍ଚାୟତିରାଜ ଜରିଆରେ ସୁଶାସନକୁ ନିଶ୍ଚିତ କରିବା ପାଇଁ ଗ୍ରାମସଭା ହିଁ ହେଉଛି ତହିଁର ଅପରିହାର୍ଯ୍ୟ ମୂଳଦୁଆ । ଏହାର ସୁପାରିଶ୍ ଥିଲା-

- ରାଜ୍ୟ ସରକାରମାନେ ପ୍ରଚଳିତ ବିଧିବିଧାନର ସମୀକ୍ଷା କରିବେ, ଯାହା ଫଳରେ ସମ୍ବିଧାନର ଧାରା ୨୪୩-ଏ ରେ ଯେଉଁସବୁ 'କ୍ଷମତାସମୂହ' ଏବଂ 'କାର୍ଯ୍ୟାବଳୀ' ସୂଚୀତ ହୋଇଛି, ସେଗୁଡିକୁ ଯଥେଷ୍ଟ ଭାବେ ଆଇନ୍ ଅଧୀନରେ ସ୍ଥାନୀକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେଉଁ ସବୁ ବୈଧାନିକ ଓ ଅନ୍ୟାନ୍ୟ ପଦକ୍ଷେପମାନ ଆବଶ୍ୟକ, ତାହା ନିରୂପିତ ହୋଇପାରିବ ।
- ଗ୍ରାମର ନିମ୍ନସ୍ତରରେ ସଭାଗୁଡିକର ଗଠନ ଏବଂ ସେଗୁଡିକୁ ଯଥାର୍ଥ ଢଙ୍ଗରେ ସଶକ୍ତୀକରଣ କରିବା ;
- ଗ୍ରାମ/ଓ୍ୱାର୍ଡ ସଭାଗୁଡିକର ନିୟମିତ ବୈଠକ ଇତ୍ୟାଦି ।

୫. **ସ୍ଥାନୀୟ ସ୍ୱାୟତ୍ତ-ଶାସନ (ଏଲ୍.ଏସ୍.ଜି.) ଉପରେ ଦ୍ୱିତୀୟ ପ୍ରଶାସନିକ ସଂସ୍କାର କମିଶନ୍ (ଏ.ଆର୍.ସି.)ଙ୍କ** ରିପୋର୍ଟ ମଧ୍ୟ ସ୍ୱୀକାର କରିଛି ଯେ, ଯେହେତୁ ଗ୍ରାମସଭା ପ୍ରତି ଗ୍ରାମବାସୀଙ୍କୁ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାରେ ଭାଗ ନେବା ପାଇଁ ସୁଯୋଗ ଦେଇଥାଏ, ତେଣୁ ଏହା ସମଗ୍ର ସ୍ଥାନୀୟ ଶାସନ ବ୍ୟବସ୍ଥାରେ ଏକ କେନ୍ଦ୍ରୀୟ ସ୍ଥାନ ଅଧିକାର କରିଛି । ଗ୍ରାମସ୍ତରୀୟ ଯୋଜନା ଗ୍ରାମସଭାରୁ ହିଁ ଉଦ୍ଭବ ହୋଇଥାଏ । ଏହା ଛଡା, ଗ୍ରାମସଭାର ଉପଯୁକ୍ତ କ୍ରିୟାଶୀଳତା ଏବଂ ପଞ୍ଚାୟତିରାଜ ସଂସ୍ଥାଗୁଡିକର ସଶକ୍ତୀକରଣ ଭିତରେ ଏକ ସିଧାସଳଖ ସଂପର୍କ ଅଛି । ସ୍ଥାନୀୟ ସ୍ୱାୟତ୍ତ ଶାସନ (ଏଲ୍.ଏସ୍.ଜି.)ର ସବୁ ସ୍ତରରେ ବଳିଷ୍ଠ ସାମାଜିକ ସମୀକ୍ଷା ପାଇଁ ଏକ ଫଳପ୍ରଦ ବ୍ୟବସ୍ଥାର ପ୍ରବର୍ତ୍ତନ ପାଇଁ ଉକ୍ତ ରିପୋର୍ଟ ମଧ୍ୟ ସୁପାରିଶ୍ କରିଛି ***(ସଂଲଗ୍ନ ନଥି-୧)***।

*୬.* ପ୍ରଧାନମନ୍ତ୍ରୀ ଗତ ୨୯ ଜୁନ୍ ୨୦୦୪ରେ ମୁଖ୍ୟମନ୍ତ୍ରୀମାନଙ୍କୁ ତଙ୍କର ଭାଷଣ ବେଳେ କହିଥିଲେ, *"ଗ୍ରାମସଭା ଜରିଆରେ ପଞ୍ଚାୟତକୁ ତଦାରଖ କରଯିବା ଦ୍ୱାରା ଶାସନ ପ୍ରକ୍ରିୟା ପ୍ରତି ନାଗରିକ ସମ୍ମୁଖରେ ସ୍ୱଚ୍ଛ ଓ ଉତ୍ତରଦାୟୀ ରହିବା ପାଇଁ ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ପଞ୍ଚାୟତଗୁଡିକର ତୃଣମୂଳସ୍ତରୀୟ କ୍ଷମତା ସହିତ ସୂଚନା ପ୍ରଯୁକ୍ତିବିଦ୍ୟାର ଅଗ୍ରଗତିକୁ ମିଶ୍ରଣ କରିବା ପାଇଁ ଆମ ସମ୍ମୁଖରେ ସମ୍ଭାବନା ବିଦ୍ୟମାନ, ଯାହା ବଳରେ ଶାସନ ପ୍ରକ୍ରିୟା ଓ ସେବା ଯୋଗାଣ ବ୍ୟବସ୍ଥାକୁ ମୌଳିକ ଭବେ ନୂଆ ରୂ ପ ଦେଇହେବ ଏବଂ ଆମେ ଏହି ସୁଯୋଗର ବିକାଶ ଘଟାଇବା ସହିତ ଏହାର ଉପଯୋଗ କରିବା ଜରୁରୀ ।"*

## ବର୍ତ୍ତମାନ ଗ୍ରାମସଭା କିପରି କାର୍ଯ୍ୟ କରୁଛି

**୭.** ଯଦିଏ ତୃଣମୂଳ ସ୍ତରରେ ଗଣତନ୍ତ୍ରର ଚେରକୁ ଗଭୀର କରାଇବା, ସାମାଜିକ-ଆର୍ଥିକ କ୍ଷେତ୍ରରେ ସମସ୍ତଙ୍କୁ ସାମିଲ୍ କରାଇବା ତଥା ଉନ୍ନୟନ କାର୍ଯ୍ୟକ୍ରମଗୁଡିକର ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନରେ ଭାଗିଦାରିତାକୁ ସହଜସାଧ୍ୟ କରାଇବା ତଥା ଭୋଟର୍‌ମାନଙ୍କ ସମ୍ମୁଖରେ ପଞ୍ଚାୟତର ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମସଭାର ମଞ୍ଚ ପକ୍ଷେ ବେଶ୍ ସମ୍ଭାବନା ରହିଛି, କିନ୍ତୁ ଏହା ସାଧାରଣତଃ ଲକ୍ଷ୍ୟ କରାଯାଉଛି ଯେ, ଗ୍ରାମସଭାର ବୈଠକମାନ ନିୟମିତ ଭାବେ ବସୁ ନାହିଁ, ଏବଂ ଏହାର ବୈଠକଗୁଡିକରେ ଯୋଗଦାନ, ବିଶେଷକରି ମହିଳା ଏବଂ ତଳସ୍ତରର ଜନଗୋଷ୍ଠୀଙ୍କ ଯୋଗଦାନ ନଗଣ୍ୟ ହେଉଛି । ପଞ୍ଚାୟତ ଦ୍ୱାରା ଯେଉଁସବୁ ପ୍ରସ୍ତାବକୁ ଅନୁମୋଦନ ଉଦ୍ଦେଶ୍ୟରେ ଆଗତ କରାଯାଇଥାଏ, ତାହା ସମ୍ବନ୍ଧରେ ମୋଟେ ଚର୍ଚ୍ଚା ହୋଇନଥାଏ କହିଲେ ଚଳେ । ବହୁସ୍ଥଳରେ ସମୂହ ସ୍ୱାର୍ଥ ଏବଂ ତଳସ୍ତରର ଜନଗୋଷ୍ଠୀଙ୍କ ସହ ସଂପର୍କୀତ ପ୍ରସଙ୍ଗସମୂହ ଉପରେ କୌଣସି ଚର୍ଚ୍ଚା ହୋଇନଥାଏ ।

**୮.** ଏକ ସାଧାରଣ ଧାରଣା ସୃଷ୍ଟି ହୋଇଛି ଯେ, ଗ୍ରାମସଭାର କାମ ହେଉଛି ହିତାଧିକାରୀ ତାଲିକାକୁ ଅନୁମୋଦନ ଦେବା, ବିନିଯୋଗ ପ୍ରମାଣପତ୍ର ଗୁଡିକୁ ଅନୁମୋଦନ ଦେବା ତଥା ବାର୍ଷିକ ହିସାବପତ୍ରକୁ ଗୃହୀତ କରାଇନେବା । ବୈଠକରେ ଯୋଗଦେବା ପାଇଁ ପଞ୍ଚାୟତର ମୁଖିଆମାନେ ନିଜନିଜର ସମର୍ଥକଗଣ ଏବଂ ସମ୍ଭାବ୍ୟ ହିତାଧିକାରୀ ମାନଙ୍କୁ ସଙ୍ଗରେ ଆଣିଥାନ୍ତି, ଏବଂ ତଦ୍ୱାରା ସର୍ବନିମ୍ନ ଉପସ୍ଥାନ (କୋରମ୍) ସୁନିଶ୍ଚିତ ହୋଇଥାଏ ସତ, କିନ୍ତୁ ଅନ୍ୟ ଭୋଟର୍‌ମାନଙ୍କ ଭିତରୁ ପ୍ରାୟ ସମସ୍ତେ ଯୋଗଦାନରୁ ବିରତ ରହିଥାନ୍ତି । ସୁତରାଂ, ଗ୍ରାମସଭା ବୈଠକଗୁଡିକର ଫଳପ୍ରଦତାକୁ ନେଇ ଏକ ପ୍ରକାର ନିରାଶା ଭାବ ସୃଷ୍ଟି ହୋଇସାରିଛି ।

**୯.** ବରଂ ପେସା ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ, ପ୍ରଶାସନିକ ନିର୍ଦ୍ଦେଶାବଳୀ ଜାରି ତଥା ଗ୍ରାମସଭାଗୁଡିକୁ ଆବଶ୍ୟକୀୟ କ୍ଷମତାର୍ପଣ କ୍ଷେତ୍ରରେ ରାଜ୍ୟ ସରକାରମାନେ ମନ୍ଥରତା ଦେଖାଇ ଆସିଛନ୍ତି । ଏ କ୍ଷେତ୍ରରେ ମଧ୍ୟ ଗ୍ରାମସଭାଗୁଡିକ ମୂଳତଃ ପ୍ରଭାବଶୁନ୍ୟ ରହି ଆସିଛନ୍ତି । ଅନୁସୂଚୀତ ଅଞ୍ଚଳସମୂହ ଏବଂ ଆଖପାଖ ଇଲକାରେ ବାମପନ୍ଥୀ ଚରମବାଦର ଅଭ୍ୟୁଦୟ ପଛରେ ଏହାହିଁ ଏକ ମୂଳ କାରଣ ବୋଲି ବର୍ତ୍ତମାନ ମନେ କରାଯାଉଛି ।

**୧୦.** ଗ୍ରାମାଞ୍ଚଳରେ ସ୍ଥାନୀୟ ପ୍ରଶାସନକୁ ଫଳପ୍ରଦ କରିବାକୁ ହେଲେ ଗ୍ରାମସଭାଗୁଡିକୁ ସୁସକ୍ରୀୟ କରିବା ହିଁ ହେଉଛି ପ୍ରକୃତ ଆହ୍ୱାନ୍ । ଗ୍ରାମସଭାଗୁଡିକର ବୈଠକ କିପରି ନିୟମିତ ଓ ଯଥାର୍ଥ ଢଙ୍ଗରେ ବସିପାରିବ, ଏହାର ସଭ୍ୟମାନେ କିପରି ଏଥିରେ ସକ୍ରୀୟ ଭାବେ ଅଂଶଗ୍ରହଣ କରି ପାରିବେ ତଥା ଏହାର କାର୍ଯ୍ୟଧାରାକୁ କିପରି ତଦାରଖ କରାଯାଇପାରିବ, ତହିଁର ଉପାୟମାନ ବାହାର କରିବାର ଏକ ପ୍ରୟୋଜନ ରହିଛି । ଗ୍ରାମସଭାର ବୈଠକ ପରିଚାଳନା ପାଇଁ ଏକ ମାର୍ଗଦର୍ଶୀକା ***ସଂଲଗ୍ନ ନଥି-୨***ରେ ସ୍ଥାନିତ ହୋଇଛି । ଗ୍ରାମସଭାର ତଳସ୍ତରରେ ଲୋକମାନଙ୍କ ସଭାସମୂହ, ଯଥା ୱାର୍ଡସଭା, ମହିଳାସଭା

ଏବଂ ବାଲୁତସଭାକୁ ମାନ୍ୟତା ଦେଉଥିବାର ଉତ୍ତମ ଦୃଷ୍ଟାନ୍ତସମୂହକୁ ପରିପ୍ରସାର କରାଯିବା ଉଚିତ୍ । କେରଳର କୁଟୁମ୍ବଶ୍ରୀ ଢାଞ୍ଚାରେ ମହିଳାମାନଙ୍କର ସ୍ୱୟଂ-ସହାୟକ ଦଳସମୂହର ଗଠନ ଓ ସେଗୁଡିକର ସଂଘୀକରଣ ଫଳରେ ବିଶେଷକରି ଜାତୀୟ ଗ୍ରାମାଞ୍ଚଳ ଜୀବିକା ମିଶନ୍‌ର ବାସ୍ତବାୟନ ତ୍ୱରାନ୍ୱିତ ହୋଇପାରିବ ।

**୧୧.** ଗୋଟିଏ ଓ୍ୱାର୍ଡସଭାର ଇଲାକା ଓ ଜନସଂଖ୍ୟା କମ୍ ହୋଇଥିବାରୁ ତଥା ଲୋକମାନଙ୍କର ଆବଶ୍ୟକତାଗୁଡିକ ଅଧିକତଃ ସମରୂପ ହୋଇଥିବାରୁ, ସେମାନେ ନିବିଡ ମନଯୋଗ ସହକାରେ ସେହିସବୁ ବିଷୟ ଉପରେ ଚର୍ଚ୍ଚା କରିବେ ଏବଂ ଏକ ସହମତିରେ ପହଞ୍ଚିବେ, ଯାହାକି ସେମାନେ ଓ୍ୱାର୍ଡ ସଭ୍ୟଙ୍କ ଜରିଆରେ ଗ୍ରାମ ପଞ୍ଚାୟତ ନିକଟରେ ଉତ୍‌ଥାପିତ ହେଉ ବୋଲି ଚହିଁଥାନ୍ତି । ସୁତରାଂ ଏହା ସୁସ୍ପଷ୍ଟ ଯେ, ଗ୍ରାମସଭାର ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ଓ୍ୱାର୍ଡସଭା ଇତ୍ୟାଦି ସଂଗଠନର ବୈଠକ ଅନୁଷ୍ଠିତ ହୋଇସାରିଥିବାର ପ୍ରୟୋଜନ ରହିଛି ।

**୧୨.** ପଞ୍ଚାୟତିରାଜକୁ କେନ୍ଦ୍ର କରି ପ୍ରଚଳିତ ରାଜ୍ୟ ପଞ୍ଚାୟତିରାଜ ଆଇନ୍‌ଗୁଡିକରେ ଯଥୋଚିତ ବ୍ୟବସ୍ଥାମାନ ସ୍ଥାନିତ କରି ରାଜ୍ୟ ସରକାରମାନେ ଉକ୍ତ ପ୍ରୟୋଜନକୁ ସାକାର ରୂପ ଦେବା ଉଚିତ୍ । 'ଆଦର୍ଶ ପଞ୍ଚାୟତ ଏବଂ ଗ୍ରାମ ସ୍ୱରାଜ ଆଇନ୍'ର ଏକ ଚିଠା ଏହି ମନ୍ତ୍ରଣାଳୟ ଦ୍ୱାରା ପ୍ରସାରିତ ହୋଇସାରିଛି ଏବଂ ଆମର ଓ୍ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଏବଂ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ପ୍ରାବ୍‌ଧାନଗୁଡିକ ହେଉଛି, ଗ୍ରାମ/ଓ୍ୱାର୍ଡ ସଭାର ବ୍ୟବସ୍ଥା ***(ସବିଶେଷ ସୂଚନା ପାଇଁ ଦ୍ରଷ୍ଟବ୍ୟ ସଂଲଗ୍ନ ନଥି-୩)***; ଆର୍ଥିକ ଉନ୍ନୟନ, ସମାଜ କଲ୍ୟାଣ ଏବଂ ତଦାରଖ କ୍ଷେତ୍ରରେ ସେମାନଙ୍କୁ କ୍ଷମତା ଅର୍ପଣ ; ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷଙ୍କୁ ପଦବୀରୁ ପ୍ରତ୍ୟାହାର କରି ପାରିବାର କ୍ଷମତା; ନାଗରିକ ରିପୋର୍ଟ କାର୍ଡ ; ସୂଚନାର ସ୍ୱୟଂ-ପ୍ରକଟନ ଓ ସାମାଜିକ ସମୀକ୍ଷା ଇତ୍ୟାଦି । ପେସା ଆଇନ୍‌ର ପ୍ରାବ୍‌ଧାନସମୂହ ଅନ୍ୟ ଅଞ୍ଚଳମାନଙ୍କ ପାଇଁ ମଧ୍ୟ ଏକ ଉତ୍ତମ ଦିଗ୍‌ଦର୍ଶନ ରୂପେ କାର୍ଯ୍ୟ କରିବ ।

**୧୩.** ଗ୍ରାମସଭା ବୈଠକଗୁଡିକୁ ଅଧିକ ରୁଚିକର ଏବଂ ସାର୍ଥକ କରିବାକୁ ହେଲେ ବୈଠକର ଆଲୋଚନାର ପରିସରକୁ ବିଭିନ୍ନ ଉପାୟରେ ବ୍ୟାପକ କରିବାକୁ ପଡିବ, ଯଥା-

(ଏ) ବିଭିନ୍ନ କାର୍ଯ୍ୟକ୍ରମ, ସ୍କିମ୍ ଓ ସମୁଚିତ ଆଚରଣ ତଥା ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଜରିଆରେ ସର୍ବସାଧାରଣ ସ୍ୱାର୍ଥ-ସଂଶ୍ଳିଷ୍ଟ ଯେଉଁସବୁ ବ୍ୟାପାରରେ ରାଜ୍ୟ ଓ କେନ୍ଦ୍ରରୁ ସହାୟତା ମିଳିଥାଏ, ସେସବୁ ସମ୍ବନ୍ଧରେ ସୂଚନାର ଆଦାନ-ପ୍ରଦାନ ପାଇଁ ଗ୍ରାମସଭା ଏକ ବଳିଷ୍ଠ ଜନମଞ୍ଚ ରୂପେ କାର୍ଯ୍ୟ କରିପାରିବ ।

(ବି) ଗ୍ରାମସଭା ଯେଉଁସବୁ ପ୍ରସଙ୍ଗ ଆଲୋଚନା କରିପାରିବ, ସେଗୁଡିକ ହେଲା, (୧) ଜୀବନର ଗୁଣାତ୍ମକ ମାନଦଣ୍ଡ ଓ ସହସ୍ରାବ୍ଦ ବିକାଶ ଲକ୍ଷ୍ୟସମୂହ (ମିଲେନିୟମ ଡେଭଲପ୍‌ମେଣ୍ଟ ଗୋଲ୍‌ସ୍), (୨) ସାମାଜିକ ନିରାପତ୍ତା, ଲିଙ୍ଗନ୍ୟାୟ, କନ୍ୟାସନ୍ତାନର ଭ୍ରୁଣହତ୍ୟା, ନିଶାସାମଗ୍ରୀର ଅପବ୍ୟବହାର (ଆଲ୍‌କୋହଲ୍, ଧୂଆଁପତ୍ର ଏବଂ ଡ୍ରଗ୍‌ସ), ସ୍ୱାସ୍ଥ୍ୟରକ୍ଷା, ପୁଷ୍ଟିସାଧନ, (୩) ସୁସ୍ଥାୟୀ ବିକାଶ, କୃଷିର ବିବିଧୀକରଣ, ଉନ୍ନତ ଚାଷ-ପ୍ରଣାଳୀ, ଆୟବୃଦ୍ଧି ପାଇଁ ସମ୍ଭାବ୍ୟ ସୁଯୋଗମାନ, ମରୁଡି/ବନ୍ୟା ନିୟନ୍ତ୍ରଣ, ମୃତ୍ତିକା ଓ ଜଳ ସଂରକ୍ଷଣ, (୪) ଭିତ୍ତିଭୂମିର ବିକାଶ, ଇତ୍ୟାଦି ।

(ସି) ବିଭିନ୍ନ ସ୍କିମ୍, ଯଥା ବି.ଆର୍.ଜି.ଏଫ୍. (ବ୍ୟାକ୍‌ଓ୍ୱାର୍ଡ ରେଜିଅନ୍ ଗ୍ରାଣ୍ଟ୍ ଫଣ୍ଡ), ଏନ୍.ଆର୍,ଇ.ଜି.ଏ., ଏନ୍.ଆର୍.ଏଚ୍.ଏମ୍. (ନେସନାଲ୍ ରୁରାଲ୍ ହେଲଥ୍ ମିଶନ୍), ଏସ୍.ଏସ୍.ଏ. (ସର୍ବଶିକ୍ଷା ଅଭିଯାନ), ଆଇ.ସି.ଡି.ଏସ୍. (ସମନ୍ୱିତ ଶିଶୁ ବିକାଶ ଯୋଜନା), ଆଇ.ଡବ୍ଲ୍ୟୁ.ଏମ୍.ପି. (ସମନ୍ୱିତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ), ଆର୍.କେ.ଭି.ଓ୍ୱାଇ. (ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା) ଇତ୍ୟାଦିର ଯୋଜନା ପ୍ରଣୟନ, କାର୍ଯ୍ୟକାରିତା ଏବଂ ଫଳାଫଳ ସମୀକ୍ଷାରେ ଗ୍ରାମସଭା ସଂପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିବା ଉଚିତ୍ । ପ୍ରକଳ୍ପସମୂହର ଯୋଜନା ପ୍ରଣୟନ ଏବଂ ବର୍ଗୀକରଣ କଲାବେଳେ ଉପଲବ୍ଧ ସମ୍ବଳସମୂହ ବିଷୟରେ ଆକଳନ ବାସ୍ତବବାଦୀ ହେବା ଉଚିତ୍ ।

ରାଜ୍ୟ ସରକାରମାନଙ୍କର ବିଭାଗଗୁଡିକ ନିଜର ନୀତି, କାର୍ଯ୍ୟକ୍ରମ ଓ ଯୋଜନା ଭିତରେ ଗ୍ରାମସଭାର ଭୂମିକା ବିଷୟରେ ସୁସ୍ପଷ୍ଟ ସୂଚନା ସ୍ଥାନିତ କରିବା ଉଚିତ୍ ।

**୧୪.** ସରପଞ୍ଚ, ପଞ୍ଚାୟତର ସଭ୍ୟଗଣ ଏବଂ ସଚିବଙ୍କ ଭୂମିକା ଏବଂ ଦାୟିତ୍ୱାବଳୀର ସୁସ୍ପଷ୍ଟ ସଂଜ୍ଞାୟନ ହେବା ଉଚିତ୍ । ସରପଞ୍ଚ ଏବଂ ପଞ୍ଚାୟତର ସଭ୍ୟଗଣ ଜନସାଧାରଣଙ୍କ କଣ୍ଠସ୍ୱରକୁ ପ୍ରତିନିଧିତ୍ୱ କରିବା ଉଚିତ୍ ଏବଂ ସେମାନେ ନିଜକୁ କେବଳ ପ୍ରଶାସନିକ କାର୍ଯ୍ୟକର୍ତ୍ତାରେ ପରିଣତ କରିବା ଉଚିତ୍ ନୁହେଁ । ସଚିବ ନିଜେ ଗ୍ରାମପଞ୍ଚାୟତ ଜରିଆରେ ଗ୍ରାମସଭା ନିକଟରେ ଉତ୍ତରଦାୟୀ ରହିବେ ଏବଂ ସେ ଯେପରି କୌଣସି ସ୍ଥାନୀୟ ଚାପର ବଶବର୍ତ୍ତୀ ହେବେନି, ସେଥିପାଇଁ ତାଙ୍କ ଉପଯୁକ୍ତ ସୁରକ୍ଷା ଯୋଗାଇ ଦିଆଯିବା ଉଚିତ୍ ।

## ଗ୍ରାମସଭା ଏବଂ ସାମାଜିକ ସମୀକ୍ଷା

**୧୫.** ଗ୍ରାମସଭା ଏକ ଶକ୍ତିସମ୍ପନ୍ନ ସତ୍ତା ଭାବେ କାର୍ଯ୍ୟ କରିବାକୁ ହେଲେ ତହିଁର ଏକ ଗୁରୁତ୍ୱପୂର୍ଣ୍ଣ ଆନୁଷଙ୍ଗିକ ଆବଶ୍ୟକତା ହେଉଛି ସାମାଜିକ ସମୀକ୍ଷା । ନିର୍ବାଚିତ ପ୍ରତିନିଧିଗଣ ଓ ସରକାରୀ ପଦାଧିକାରୀଗଣ ତଳସ୍ତର ନିକଟରେ ଉତ୍ତରଦାୟୀ ରହିବା ଯେ ମହତ୍ତ୍ୱପୂର୍ଣ୍ଣ, ସେହି ବାର୍ତ୍ତା ସାମାଜିକ

ସମୀକ୍ଷା ବହନ କରିଥାଏ । ଯଦି କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଉପରେ ଗ୍ରାମସଭା ନିବିଡ ଭାବେ ନିଜର ସଜାଗ ଦୃଷ୍ଟି ବଜାୟ ରଖେ, ତେବେ ବାଟମାରଣା ଏବଂ ଅପାରଗତା ବସ୍ତୁତଃ ନିରାକୃତ ହୋଇ ଯାଇ ପାରିବ । ସାମାଜିକ ସମୀକ୍ଷାର ମୌଳିକ ବୈଶିଷ୍ଟ୍ୟଗୁଡିକ ସଂଯୁକ୍ତ ନଥି-୧ରେ ସ୍ଥାନିତ ହୋଇଛି । ଏନ୍.ଆର୍.ଇ.ଜି.ଏ.ର ମାର୍ଗଦର୍ଶୀକା ଏନ୍.ଆର୍.ଇ.ଜି.ଏ.ର ସାମାଜିକ ସମୀକ୍ଷା ସମ୍ବନ୍ଧରେ ଏକ ସାମଗ୍ରୀକ ମାର୍ଗଦର୍ଶନ ପ୍ରଦାନ କରିଛି, ଯେଉଥିରେ ଅନ୍ତର୍ଭୁକ୍ତ ଅଛି- କାର୍ଯ୍ୟାନ୍ୱୟନର ୧୧ଟି ପର୍ଯ୍ୟାୟ ଉପରେ ଜନସଜାଗତା ଓ ଯାଞ୍ଚବ୍ୟବସ୍ଥା, ପ୍ରତି ପର୍ଯ୍ୟାୟର ସମ୍ଭାବ୍ୟ ସମସ୍ୟାମାନ, ସ୍ୱଚ୍ଛତା ଓ ସାମଜିକ ସମୀକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପସମୂହ ତଥା ଗ୍ରାମାସଭାର ଥିବା ସାମାଜିକ ସମୀକ୍ଷା ଜନମଞ୍ଚ, ଯେ କି ତିନି ଧରଣର ପ୍ରସଙ୍ଗକୁ ସମାଧାନ କରିପାରୁଥିବ, ଯଥା ଜନମଞ୍ଚ ଅନୁଷ୍ଠିତ ହେବା ପୂର୍ବରୁ ପ୍ରଚାର ଓ ପ୍ରସ୍ତୁତି କାର୍ଯ୍ୟ; ଜନମଞ୍ଚର ସାଂଗଠନିକ ଏବଂ ପ୍ରକ୍ରିୟାଗତ ଦିଗସମୂହ; ଏବଂ ଏନ୍.ଆର୍.ଇ.ଜି.ଏସ୍. ସାମାଜିକ ସମୀକ୍ଷା ଜନମଞ୍ଚର ଅବଶ୍ୟ-ପାଳନୀୟ କାର୍ଯ୍ୟସୂଚୀ । ଅନ୍ୟାନ୍ୟ ଯୋଜନାଗୁଡିକ ପାଇଁ ମଧ୍ୟ ଏହା ଏକ ଉତ୍ତମ ଢାଞ୍ଚା ଏବଂ ରାଜ୍ୟ ସରକାରମାନେ ସରଳ ନିୟମାବଳୀ/ମାର୍ଗଦର୍ଶୀକା ପ୍ରଣୟନ କରିବା ଉଚିତ୍ ।

**୧୬.** ସରକାରୀ କାର୍ଯ୍ୟକର୍ତ୍ତାମାନଙ୍କ ଉପସ୍ଥାନ, ବିଦ୍ୟାଳୟ, ଡାକ୍ତରଖାନା, ଅଙ୍ଗନବାଡି କେନ୍ଦ୍ର, ରେସନ୍ ଦୋକାନ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସଂସ୍ଥାଗୁଡିକର ପରିଚାଳନା ବିଷୟରେ ଗ୍ରାମସଭା ତଦାରଖ ତଥା ଆଲୋଚନା କରିପାରିବ । ଗ୍ରାମ ପଞ୍ଚାୟତର ସ୍ଥାୟୀ କମିଟିଗୁଡିକର ରିପୋର୍ଟସମୂହ ବିଷୟରେ ଗ୍ରାମସଭା ଆଲୋଚନା କରିପାରିବ ।

**୧୭.** ଯେଉଁସବୁ ସୂଚନାକୁ ହାସଲ କରିବାରେ ଭୋଟର୍‌ମାନେ ସାଧାରଣ ଭାବେ ଅକ୍ଷମ ହୋଇଥାନ୍ତି, ସେହିସବୁ ସୂଚନା ବିଷୟରେ ସେମାନଙ୍କୁ ଅବଗତ କରାଇବା କ୍ଷେତ୍ରରେ ଗ୍ରାମସଭା ଏକ ଫଳପ୍ରଦ ଜନମଞ୍ଚ ରୂପେ କାର୍ଯ୍ୟ କରିପାରିବ ।

## ଗ୍ରାମସଭା ଏବଂ ଏନ୍.ଆର୍.ଇ.ଜି.ଏ.

**୧୮.** ଏନ୍.ଆର୍.ଇ.ଜି.ଏ. କ୍ଷେତ୍ରରେ ଗ୍ରାମସଭାର ଦାୟିତ୍ୱାବଳୀ ଭିତରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ: 'ଉନ୍ନୟନ ଯୋଜନା' ଏବଂ 'ସମ୍ଭାବ୍ୟ କାର୍ଯ୍ୟଗୁଚ୍ଛ' ବିଷୟରେ ଗ୍ରାମ ପଞ୍ଚାୟତକୁ ସୁପାରିଶ୍ କରିବା, କାର୍ଯ୍ୟାବଳୀର ସମ୍ପାଦନାକୁ ତଦାରଖ କରିବା, ଏବଂ ଗ୍ରାମ ପଞ୍ଚାୟତ ଭିତରେ ସମ୍ପାଦିତ ହେଉଥିବା ପ୍ରକଳ୍ପଗୁଡିକର ନିୟମିତ ସାମାଜିକ ସମୀକ୍ଷା ପରିଚାଳନା କରିବା ।

**୧୯.** ଗ୍ରାମସଭାକୁ ସଶକ୍ତୀକରଣ ଓ କ୍ରୀୟାଶୀଳ କରିବା ଉଦ୍ଦେଶ୍ୟରେ ଉଲ୍ଲିଖିତ ସାଧାରଣ ପଦକ୍ଷେପ ସମୂହ ଏନ୍.ଆର୍.ଇ.ଜି.ଏ. ପରିପ୍ରେକ୍ଷୀରେ ମଧ୍ୟ ପ୍ରଯୁଜ୍ୟ ହେବ । ବିଶେଷତଃ ନିମ୍ନୋକ୍ତ ବିଷୟକୁ ସୁନିଶ୍ଚିତ କରାଯାଇ ପାରେ :

- ଏନ୍.ଆର୍.ଇ.ଜି.ଏ. ପାଇଁ ଯୋଜନା ପ୍ରସ୍ତୁତି ଏବଂ ତଦାରଖର ଏକ ସୁସ୍ପଷ୍ଟ ପ୍ରକ୍ରିୟା ନିରୂପଣ କରାଯିବ, ଯେଉଁଥିରେ କି ଗ୍ରାମସଭାର ଭୂମିକା ବିନିର୍ଦ୍ଦିଷ୍ଟ ହୋଇଥିବ ।
- ଯୋଜନା ପ୍ରଣୟନର ପ୍ରକ୍ରିୟା ଓ ସାମାଜିକ ସମୀକ୍ଷାରେ ଗ୍ରାମସଭାର ଭାଗିଦାରିତାକୁ ସୁଗମ କରାଇବା ପାଇଁ ପଞ୍ଚାୟତ ପ୍ରତିନିଧି ଏବଂ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷିତା କରିବା ।
- ସାମାଜିକ ସମୀକ୍ଷା ପାଇଁ ଉଦ୍ଦିଷ୍ଟ ଏନ୍.ଆର୍.ଇ.ଜି.ଏ. ମାର୍ଗଦର୍ଶୀକା ସୁସ୍ପଷ୍ଟ ଭାବେ ପ୍ରସ୍ତୁତ ହୋଇଥିବ ତଥା ତାକୁ ସଂସ୍ଥାଗତ ରୂପ ଦିଆଯାଇଥିବ ।
- ଗ୍ରାମସଭାରୁ ମିଳିଥିବା ତଦାରଖ ବିବରଣୀ ଓ ମନ୍ତବ୍ୟଗୁଡିକୁ ସର୍ବାଧିକ ଗୁରୁତ୍ୱ ସହକାରେ ବିଚାରକୁ ନିଆଯିବ ।

**ଗ୍ରାମପଞ୍ଚାୟତ ଏବଂ ସରକାରୀ ଅଧିକାରୀମାନଙ୍କର ଗ୍ରାମସଭା ପ୍ରତି କର୍ତ୍ତବ୍ୟ**

**୨୦.** ଗ୍ରାମସଭା ଗୁଡିକର ବୈଠକସମୂହକୁ ନିଷ୍ଠାପର ଭାବେ ତଦାରଖ ଏବଂ ପରାମର୍ଶ ପ୍ରଦାନ ଜରିଆରେ ଗ୍ରାମସଭାର ସୁଚାରୁ ପରିଚାଳନାକୁ ସୁନିଶ୍ଚିତ କରିବା ତଥା ଲୋକଦୃଷ୍ଟିରେ ଗ୍ରାମସଭା ଯେ ସ୍ଥାନୀୟ ପ୍ରଶାସନର ଫଳପ୍ରଦ ଚତୁର୍ଥ ସ୍ତମ୍ଭ, ଲୋକମାନସରେ ସେହି ଧାରଣା ସୃଷ୍ଟିକୁ ସୁନିଶ୍ଚିତ କରିବା ହେଉଛି ଗ୍ରାମ ପଞ୍ଚାୟତ ଏବଂ ସରକାରୀ ଅଧିକାରୀମାନଙ୍କର ଏକ ଅବଶ୍ୟ-ପାଳନୀୟ କର୍ତ୍ତବ୍ୟ । ବିଶେଷ କରି ମଧ୍ୟବର୍ତ୍ତୀ ପଞ୍ଚାୟତ ଏବଂ ଏକ ମଧ୍ୟସ୍ଥ ସଂସ୍ଥା ଦ୍ୱାରା ଗ୍ରାମସଭାର କାର୍ଯ୍ୟଧାରାକୁ ତଦାରଖ କରିବାର ଏକ ଫର୍ମାଟ୍ ସଂଯୁକ୍ତ ନଥି- ୪ରେ ସ୍ଥାନିତ ହୋଇଛି ।

**୨୧.** ଏହି ପ୍ରସଙ୍ଗ ଉପରେ ଆପଣଙ୍କର ପରାମର୍ଶ ଓ ମନ୍ତବ୍ୟସମୂହ ଏହି ମାର୍ଗଦର୍ଶୀକାକୁ ପରିମାର୍ଜନ କରିବାରେ ଆମକୁ ସହାୟକ ହେବ ।

**ଆପଣଙ୍କର ବିଶ୍ୱସ୍ତ**

**(ଏ.ଏନ୍.ପି. ସିହ୍ନା)**

- ***ଏହାର ନକଲ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପଞ୍ଚାୟତିରାଜ ଏବଂ ଯୋଜନା ବିଭାଗର ପ୍ରମୁଖ ସଚିବଙ୍କ ନିକଟକୁ ପ୍ରେରଣ କରାଯାଉଛି ।***

- ***ଏହାର ଏକ ଅଗ୍ରୀମ ନକଲ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଉଛି ।***

*ସଂଲଗ୍ନ ନଥି-୧*

## ସ୍ଥାନୀୟ ସ୍ୱାୟତ୍ତ ଶାସନ ଉପରେ ୨ୟ ପ୍ରଶାସନିକ ସଂସ୍କାର କମିଶନ୍‌ଙ୍କ ସୁପାରିଶ୍

- ଯେଉଁଠି ଗ୍ରାମ ପଞ୍ଚାୟତଗୁଡ଼ିକ ବୃହତ୍ ହୋଇଥିବ, ସେପରି ସ୍ଥଳେ ରାଜ୍ୟମାନେ ୱାର୍ଡସଭାମାନ ଗଠନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ୍, ଏବଂ ଏହି ୱାର୍ଡସଭା ସଂପୃକ୍ତ ପଞ୍ଚାୟତରେ ଗ୍ରାମସଭା ଓ ଗ୍ରାମ ପଞ୍ଚାୟତର ସେହିସବୁ ନିର୍ଦ୍ଦିଷ୍ଟ କ୍ଷମତା ଏବଂ ଦାୟିତ୍ୱ ସଂପାଦନ କରିବ, ଯାହାକି ତାହା ଉପରେ ନ୍ୟସ୍ତ କରାଯାଇପାରେ ।

- ସ୍ଥାନୀୟ ସ୍ୱାୟତ୍ତ ଶାସନର ସମସ୍ତ ସ୍ତରରେ ସାମାଜିକ ସମୀକ୍ଷାର ଏକ ଫଳପ୍ରଦ ବ୍ୟବସ୍ଥାକୁ ସ୍ଥାନିତ କରିବା ଉକ୍ତ ସଂସ୍ଥାମାନଙ୍କ ଭିତରେ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଅନିବାର୍ଯ୍ୟ ଅଟେ । ସାମାଜିକ ସମୀକ୍ଷାର ବଳିଷ୍ଠ ମାନଦଣ୍ଡସମୂହକୁ ପ୍ରତିଷ୍ଠିତ କରିବାକୁ ହେଲେ, ପ୍ରତି ରାଜ୍ୟ ସରକାର ନିମ୍ନ ମତେ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ତୁରନ୍ତ ପଦକ୍ଷେପମାନ ଗ୍ରହଣ କରିବା ଜରୁରୀ-

  (ଏ) ସ୍ଥାନୀୟ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱୀତ ହେଉଥିବା ପ୍ରତି ସ୍କିମ୍ ପାଇଁ ଅଲଗା ଅଲଗା ସାମାଜିକ ସମୀକ୍ଷା ପାଇଁ ବ୍ୟବସ୍ଥା ବିହିତ ହେବା ସ୍ପୃହଣୀୟ ନୁହେଁ । ପ୍ରତି ସ୍କିମ୍ ପାଇଁ ଅଲଗା ଅଲଗା ଭାବେ ସାମାଜିକ ସମୀକ୍ଷାର ପ୍ରାବ୍‌ଧାନ ରଖି ବହୁ ସାମାଜିକ ସମୀକ୍ଷାର ବ୍ୟବସ୍ଥା ଫଳରେ ସାମାଜିକ ସମୀକ୍ଷାର ପ୍ରକ୍ରିୟା ଗୁରୁତ୍ୱ ହରାଇବସେ ।

  (ବି) ସାମାଜିକ ସମୀକ୍ଷା ସମ୍ବନ୍ଧରେ ଯଥେଷ୍ଟ ପ୍ରଚାରର ଆବଶ୍ୟକତା ରହିଛି ।

  (ସି) ସାମାଜିକ ସମୀକ୍ଷା ଉପରେ 'ଗୃହୀତ କାର୍ଯ୍ୟାନୁଷ୍ଠାନର ବିବରଣୀ' ସମୟବଦ୍ଧ ଭାବେ ସର୍ବସାଧାରଣ ସୂଚନା-କ୍ଷେତ୍ରରେ ସ୍ଥାନିତ ହେବା ଉଚିତ୍ । ଗୋଟିଏ ସାମାଜିକ ସମୀକ୍ଷା ଅନୁଷ୍ଠିତ ହେବା ପୂର୍ବରୁ ପୂର୍ବବର୍ତ୍ତୀ ସାମାଜିକ ସମୀକ୍ଷା ଉପରେ କାର୍ଯ୍ୟାନୁଷ୍ଠାନ ଗୃହୀତ ହୋଇଥିବା ବିଧେୟ ।

  (ଡି) ବିଶେଷ କରି ସମ୍ପତ୍ତି ତାଲିକାର ବିବରଣ, ରାଜସ୍ୱ ଆକଳନ ଏବଂ ସଂଗୃହୀତ ରାଜସ୍ୱ, ମାପଚୁପ ବହି ଏବଂ ମଷ୍ଟର୍ ରୋଲ୍ ସମେତ ସ୍ଥାନୀୟ ସଂସ୍ଥାର ରେକର୍ଡସମୂହକୁ ନିରୀକ୍ଷଣ କରିବାର ସୁଯୋଗ ଲୋକମାନଙ୍କୁ ଦିଆଯିବା ଜରୁରୀ ।

(ଇ) ଏଭଳି ଏକ ବ୍ୟବସ୍ଥା ଚାଲୁ ହେବା ଦରକାର, ଯେଉଁଠି ମଧ୍ୟବର୍ତ୍ତୀ ପଞ୍ଚାୟତ ଭଳି ଏକ ଉଚ୍ଚ-ସ୍ତରୀୟ ପଞ୍ଚାୟତ ନିଜ କ୍ଷେତ୍ରାଧିକାର ଅଧୀନରେ ଥିବା ସମସ୍ତ ପଞ୍ଚାୟତର କର୍ଯ୍ୟଧାରା ଉପରେ ସବିଶେଷ ସୂଚନା ସମ୍ବଳିତ ଏକ ତୁଳନାତ୍ମକ ଚିତ୍ର ଦେଇ ପାରୁଥିବ, ଏବଂ ଫଳତଃ ପ୍ରତି ସେବା ଯୋଗାଣ କ୍ଷେତ୍ରରେ ସେମାନଙ୍କର ପଞ୍ଚାୟତର ସ୍ଥାନ କେଉଁଠି, ସେ ବିଷୟରେ ଲୋକେ ଏକ ଧାରଣା ପାଇ ପାରିବେ ।

(ଏଫ୍) ଗ୍ରାମସଭାର କମିଟିମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତର ସାମାଜିକ ସମୀକ୍ଷା ଆୟୋଜନ କରିବାକୁ ପ୍ରୋତ୍ସାହନ ଦେବାକୁ ପଡିବ ।

(ଜି) ସାମାଜିକ ସମୀକ୍ଷା ପ୍ରକ୍ରିୟାରେ ଜନଗୋଷ୍ଠୀ ଭିତ୍ତିକ ସଂଗଠନମାନଙ୍କୁ ଜଡିତ କରାଯିବା ବିଧେୟ ।

- ସୂଚନା ଅଧିକାର ଆଇନ୍, ୨୦୦୫ ଅଧୀନରେ ସ୍ୱୟଂ ଚାଳିତ ସୂଚନା ପ୍ରକାଶନ କେବଳ ଉକ୍ତ ଆଇନ୍‌ର ଧାରା ୪(୧) ଅଧୀନସ୍ଥ ୧୭ଟି ବିଷୟ ମଧ୍ୟରେ ସୀମିତ ହେବା ଉଚିତ୍ ନୁହେଁ । କିନ୍ତୁ ସର୍ବସାଧାରଣ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବା ଅନ୍ୟ ବିଷୟଗୁଡିକ ମଧ୍ୟ ତହିଁର ପରିସରଭୁକ୍ତ ହେବା ଉଚିତ୍ ।

- ସ୍ଥାନୀୟ ସଂସ୍ଥାମାନଙ୍କର କାର୍ଯ୍ୟଶୈଳୀର ଆକଳନ ପାଇଁ ମୂଲ୍ୟାୟନ ପ୍ରଣାଳୀମାନ ଏଭଳି ନିର୍ଦ୍ଧାରିତ ହେବା ଉଚିତ୍ ଯାହା ଫଳରେ ମୂଲ୍ୟାୟନ ପ୍ରକ୍ରିୟାରେ ନାଗରିକମାନଙ୍କର ମତାମତ ସ୍ଥାନ ପାଇପାରୁଥିବ । ମତାମତ ସଂଗହ କରିବାର ଏକ ପଦ୍ଧତିକୁ ସ୍ଥାନିତ କରିବା ପାଇଁ 'ନାଗରିକ ରିପୋର୍ଟ କାର୍ଡ' ଭଳି ଏକ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇପାରେ ।

-----------------------------------

# ଗ୍ରାମସଭାର ବୈଠକଗୁଡିକର ପରିଚାଳନା ପାଇଁ ମାର୍ଗଦର୍ଶୀକା

## ଗ୍ରାମସଭାର ବୈଠକଗୁଡିକୁ ଆୟୋଜନ କରିବା

- ଗ୍ରାମସଭାକୁ ଆୟୋଜନ କରିବା ହେଉଛି ଗ୍ରାମ ପଞ୍ଚାୟତର ଦାୟିତ୍ୱ ଏବଂ ଗ୍ରାମ ପଞ୍ଚାୟତ ଏହି କାର୍ଯ୍ୟକୁ ଏକ ସ୍ଥାୟୀ (ଷ୍ଟାଣ୍ଡିଂ) କମିଟି ବା ଏହି ଉଦ୍ଦେଶ୍ୟରେ ଗଠିତ ଏକ କମିଟିକୁ ନ୍ୟସ୍ତ କରିପାରେ ।
- ଗ୍ରାମସଭାକୁ ଆହ୍ୱାନ କରିବାର ନିଷ୍ପତ୍ତି ରାଜ୍ୟ ପଞ୍ଚାୟତ ଆଇନ୍‌ର ବ୍ୟବସ୍ଥାମାନ ଅନୁଯାୟୀ ନିଆଯାଇ ପାରେ, ଏବଂ ଏପ୍ରକାର ଆଇନ୍‌ରେ କେତେକ ଅବଶ୍ୟ ପାଳନୀୟ ବ୍ୟବସ୍ଥା ଯଥା ବର୍ଷକ ଭିତରେ ଅନ୍ୟୂନ ୪ଥର ଗ୍ରାମସଭା, ଏବଂ କେତେକ ବଳଦାୟକ ବ୍ୟବସ୍ଥା ଯଥା ଭୋଟର୍‌ମାନଙ୍କ ଅନୁରୋଧ ଭିତ୍ତିରେ, ଏକ ଜରୁରୀ ପରିସ୍ଥିତି ଉପୁଜିଲେ ଇତ୍ୟାଦି ସ୍ଥାନିତ ହୋଇଥାଇ ପାରେ ।
- ଗ୍ରାମସଭା ବୈଠକଗୁଡିକ ଏଭଳି ସ୍ଥାନରେ ଅନୁଷ୍ଠିତ ହେବା ଉଚିତ୍, ଯାହାକି ଜାତି, ଧର୍ମ ବା ରାଜନୈତିକ ଆନୁଗତ୍ୟ ନିର୍ବିଶେଷରେ ସମସ୍ତ ସଂପୃକ୍ତ ଲୋକଙ୍କର ଅଂଶଗ୍ରହଣ ପାଇଁ ଅନୁକୂଳ ହେଉଥିବ ।
- ସଂପୃକ୍ତ ପଞ୍ଚାୟତର ନିଷ୍ପତ୍ତିସମୂହ, ଲୋକମାନଙ୍କ ଚାହିଦା ଏବଂ ପରାମର୍ଶ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ବୈଠକର ବିଷୟସୂଚୀ (ଏଜେଣ୍ଡା) ଚୂଡାନ୍ତ ହେବା ଉଚିତ୍ ।
- ଗୋଟିଏ ଗ୍ରାମସଭା ବୈଠକର ନୋଟିସ୍ ଅନ୍ତତଃ ୭ଦିନ ପୂର୍ବରୁ ଲୋକମାନଙ୍କ ନିକଟରେ ପହଞ୍ଚିବା ଜରୁରୀ । ଲୋକମାନେ ଗୁରୁତ୍ୱ ସହକାରେ ଗ୍ରାମସଭାରେ ଅଂଶଗ୍ରହଣ କରିବାରେ ଏହା ସହାୟକ ହେବ । ବିଭିନ୍ନ ପଦ୍ଧତିରେ ଏହି ନୋଟିସ୍ ନିର୍ଗମନ କରାଯାଇ ପାରେ । ଲିଖିତ ନୋଟିସ୍‌କୁ ସର୍ବସାଧାରଣ ସ୍ଥାନମାନଙ୍କରେ ଟଙ୍ଗେଇ ଦିଆଯାଇପାରେ, ଗ୍ରାମ ଭିତରେ ଡେଙ୍ଗୁରା ମାଧ୍ୟମରେ ବୈଠକ ସମ୍ବନ୍ଧରେ ଘୋଷଣା କରାଯାଇପାରେ, ସ୍ୱୟଂ ସହାୟକ ଗୋଷ୍ଠୀସମୂହ (ଏସ୍.ଏଚ୍.ଜି.) ବା ଅନ୍ୟ ଅଣୁ-ସ୍ତରୀୟ ସଂଗଠନମାନେ ନିଜନିଜ ପରିସର ଭିତରେ ଏହି ନୋଟିସ୍‌ର ପ୍ରସାର ଘଟାଇପାରନ୍ତି । ବୈଠକର ସ୍ଥାନ, ତାରିଖ ଓ ସମୟ ସମ୍ବନ୍ଧରେ ସୂଚନା ସହିତ ଏହି ନୋଟିସ୍ ବୈଠକର ବିଷୟସୂଚୀ ସମ୍ବନ୍ଧରେ ଦୁଇତିନି ଧାଡିର ଏକ ସଂକ୍ଷିପ୍ତ ବର୍ଣ୍ଣନ ଦେବା ଉଚିତ୍ ।

## ଗ୍ରାମସଭା ବୈଠକର ପରିଚାଳନା

- ରାଜ୍ୟ ଆଇନ୍‌ରେ ପଦନାମିତ ହୋଇଥିବା ବ୍ୟକ୍ତି ଗ୍ରାମସଭା ବୈଠକରେ ଅଧ୍ୟକ୍ଷତା କରିବା ଉଚିତ୍ । ଏହି ପଦନାମିତ ଅଧିକାରୀ ସଚିବର ଭୂମିକା ତୁଲାଇବେ ।
- ବୈଠକର ପ୍ରାରମ୍ଭରେ ଅଧ୍ୟକ୍ଷ ବା ସଚିବ ପୂର୍ବବର୍ତ୍ତୀ ଗ୍ରାମସଭାର ନିଷ୍ପତ୍ତିମାନ ପଢି ଶୁଣାଇବେ ଏବଂ ପଞ୍ଚାୟତରେ ସମ୍ପାଦିତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ/ଘଟଣାବଳୀ ବିଷୟରେ ଏକ ବ୍ୟାଖ୍ୟାନ ପ୍ରଦାନ କରିବେ । ଯଦି କୌଣସି ଏକ ପଦକ୍ଷେପ ଅସମ୍ପାଦିତ ରହିଛି, ତେବେ ତହିଁର କାରଣମାନ ବୁଝାଇ ଦିଆ ଯାଇପାରେ ।
- ଏହା ପରେ ବିଷୟସୂଚୀର ମୁଖ୍ୟ ପ୍ରସଙ୍ଗଗୁଡିକୁ ଗୋଟାକ ପରେ ଗୋଟାଏ ଚର୍ଚ୍ଚା କରାଯାଇ ପାରେ ।
- ଯେପରି ପ୍ରତି ବ୍ୟକ୍ତି ନିଜର ବକ୍ତବ୍ୟ ରଖିବା ପାଇଁ ଅନୁମତି ପାଇପାରିବେ ଏବଂ ଯେପରି ମୁଷ୍ଟିମେୟ ବ୍ୟକ୍ତି ବୈଠକର କାର୍ଯ୍ୟଧାରା ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବେ ନାହିଁ, ତାହାକୁ ସୁନିଶ୍ଚିତ କରିବା ପାଇଁ ଅଧ୍ୟକ୍ଷ ପ୍ରଯତ୍ନ କରିବେ । ମହିଳା ଏବଂ ତଳସ୍ତରର ଜନଗୋଷ୍ଠୀ ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପ୍ରଯତ୍ନ କରାଯିବା ଉଚିତ୍ ।
- ଯେଉଁସ୍ଥଳେ ଗ୍ରାମସଭା ଯୋଜନା ପ୍ରସ୍ତୁତି ପାଇଁ ଆହୂତ ହୋଇଥିବ, ସେପରି ସ୍ଥଳେ ଏହିସବୁ ପ୍ରସଙ୍ଗଗୁଡିକୁ ଚର୍ଚ୍ଚା କରିବାକୁ ପଡିବ, ଯଥା ଗତବର୍ଷର କାର୍ଯ୍ୟାବଳୀ, ସଫଳତା ସହିତ ବିଫଳତା, ନୂତନ ଆଭିମୁଖ୍ୟ ସମୂହ, ପୂର୍ବବର୍ତ୍ତୀ ଯୋଜନାରୁ ଯଦି କିଛି ବିଚ୍ୟୁତି ଘଟିଥାଏ ଏବଂ ତହିଁର କାରଣମାନ, ସମ୍ବଳ ସଂଗ୍ରହ ଓ ଆବଣ୍ଟନ, ପ୍ରତି ସ୍କିମ୍‌ର ହିତାଧିକାରୀ, ଉପକୃତ ଇଲାକା, ମାନଦଣ୍ଡସମୂହ, କାର୍ଯ୍ୟକ୍ରମ, ସଂଗଠନ ଓ ପାଣ୍ଠି ଇତ୍ୟାଦି ।
- ବ୍ୟକ୍ତିବିଶେଷ ବା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତାବ ଓ ନିଷ୍ପତ୍ତିଗୁଡିକର ଉପସ୍ଥାପନା ପାଇଁ ସମୟ ଦିଆଯିବା ଉଚିତ୍ ।
- କୌଣସି ଏକ ପ୍ରସଙ୍ଗ ଉପରେ ଅନୁଧ୍ୟାନ କରିବା ଓ ପରାମର୍ଶ ପ୍ରଦାନ ବା ରିପୋର୍ଟ ଦାଖଲ ପାଇଁ ସ୍ୱତନ୍ତ୍ର କମିଟିମାନ ଗଠନ ସକାଶେ ଗ୍ରାମସଭା ନିଜର ବୈଠକ ସମୟରେ ନିଷ୍ପତ୍ତି ନେଇପାରେ ।
- ସ୍ୱେଚ୍ଛାକୃତ ଶ୍ରମଦାନ ଏବଂ ଅନ୍ୟାନ୍ୟ ଅବଦାନ ପାଇଁ ମଧ୍ୟ ଲୋକମାନଙ୍କୁ ବୈଠକରେ ପ୍ରୋତ୍ସାହନ ଦିଆଯିବା ଉଚିତ୍ ।
- ବୈଠକ ଶେଷରେ ବୈଠକର ବିବରଣୀକୁ ପଢି ଶୁଣେଇ ଦିଆଯିବା ଉଚିତ୍ ଏବଂ ତତ୍‌ପରେ ତାହା ପଦନାମିତ ବ୍ୟକ୍ତିମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ଉଚିତ୍ ।

## ଗ୍ରାମସଭା ବୈଠକର ପରବର୍ତ୍ତୀ ସମୟରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟାନୁଷ୍ଠାନ

- ଯଦି ଜଣେ ପଞ୍ଚାୟତ ପ୍ରତିନିଧି ବା ଅଧିକାରୀ ଆଗରୁ ଆମନ୍ତ୍ରିତ ହୋଇଥିବା ସତ୍ତ୍ୱେ ଗ୍ରାମସଭାରେ ଭାଗ ନ ନିଅନ୍ତି, ତେବେ ବୈଠକ ସମାପ୍ତ ହେବା ପରେ ଗ୍ରାମସଭାର ତହିଁର କାରଣମାନ ନିରୂପଣ କରିବ । ଅନୁପସ୍ଥିତ ବ୍ୟକ୍ତିମାନଙ୍କର ଏ ପ୍ରକାର ନିସ୍ପୃହତା ବିଷୟରେ ସେମାନଙ୍କୁ ସୂଚାଇ ଦିଆଯାଇପାରେ, ଯାହା ଫଳରେ କି କାଳକ୍ରମେ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଘଟିବ ଏବଂ ସେମାନେ ବୈଠକରେ ଭାଗନେବା ପାଇଁ ଆଗଭର ହେବେ ।

- ଯଦି କେତେକ ବ୍ୟକ୍ତି ବା ଗୋଷ୍ଠୀ ଗ୍ରାମସଭା ବୈଠକଗୁଡିକରେ ଲଗାତାର ୩ଥର ପାଇଁ ଯୋଗଦାନ ନ କରନ୍ତି, ତେବେ ଏହି ବିଷୟ ଗ୍ରାମ ପଞ୍ଚାୟତରେ ଅଲୋଚନା କରାଯିବା ଉଚିତ୍, ଏବଂ ସେମାନେ ଯେପରି ଯୋଗଦାନ କରନ୍ତି ସେଥିପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବା ଉଚିତ୍ ।

- ଚୟନ କରାଯାଇଥିବା ହିତାଧିକାରୀସମୂହ ଏବଂ ସୁପାରିଶ୍ କରାଯାଇଥିବା ପ୍ରକଳ୍ପସମୂହ ଇତ୍ୟାଦିର ବିଶଦ୍ ତଥ୍ୟାବଳୀ ସମେତ ବୈଠକର ବିବରଣୀ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶୀତ ହେବା ଉଚିତ୍ ।

- ଗ୍ରାମସଭାର ବିବରଣୀ ଉପରେ ଗ୍ରାମ ପଞ୍ଚାୟତ ଆଲୋଚନା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ଗ୍ରାମସଭାର କମିଟିମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରିପୋର୍ଟଗୁଡିକ ମଧ୍ୟ ଆଲୋଚିତ ହେବା ଉଚିତ୍ ।

- ଯଦି ଗ୍ରାମସଭାର ପ୍ରସ୍ତାବଗୁଡିକୁ କୌଣସି ପଞ୍ଚାୟତ ବା ସରକାରୀ ପଦାଧିକାରୀଙ୍କ ନିକଟକୁ ଅଭିପ୍ରେରଣ କରିବା ଆବଶ୍ୟକ ପଡୁଥାଏ, ତେବେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ।

--------------------------------

*ସଂଲଗ୍ନ ନଥି-୩*

## ଚିଠା ଆଦର୍ଶ ପଞ୍ଚାୟତ ଏବଂ ଗ୍ରାମ ସ୍ୱରାଜ ଆଇନ୍‌ରେ ୱ୍ୟାର୍ଡସଭା/ଗ୍ରାମସଭା ସମ୍ବନ୍ଧରେ ସ୍ଥାନିତ ହୋଇଥିବା ପ୍ରମୁଖ ବ୍ୟବସ୍ଥାମାନ

୧. ପ୍ରତି ୱ୍ୟାର୍ଡରେ ଏକ ୱ୍ୟାର୍ଡସଭା ରହିବ, ଏବଂ ଏହା ଗ୍ରାମର ସେହି ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ନେଇ ଗଠିତ ହେବ, ଯେଉଁମାନଙ୍କ ନାମ ଭୋଟର୍ ତାଲିକାରେ ସ୍ଥାନିତ ହୋଇଥିବ । ଗ୍ରାମସଭା ସେହି ସମସ୍ତ ବ୍ୟକ୍ତିଙ୍କୁ ନେଇ ଗଠିତ ହେବ, ଯେଉଁମାନଙ୍କ ନାମ ଗ୍ରାମ ପଞ୍ଚାୟତର ଭୋଟର୍ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବ ।

୨. ଅନ୍ୟାନ୍ୟ ବିଷୟସମୂହ ସମେତ ୱ୍ୟାର୍ଡସଭାର ନିମ୍ନୋକ୍ତ କ୍ଷମତାବଳୀ ଓ ଦାୟିତ୍ୱାବଳୀ ରହିଛି:

ଏ) **ଉନ୍ନୟନ:** ଯୋଜନାସମୂହର ପ୍ରଣୟନ; ପ୍ରସ୍ତାବସମୂହର ଚିଠା-ପ୍ରସ୍ତୁତି; ଅଗ୍ରାଧିକାରସମୂହର ନିରୂପଣ ଏବଂ ଉନ୍ନୟନ କାର୍ଯ୍ୟକ୍ରମଗୁଡିକର ସମ୍ପାଦନା ପାଇଁ ସହଯୋଗ ପ୍ରଦାନ; ହିତାଧିକାରୀସମୂହଙ୍କ ଚୟନ; ସର୍ବସାଧାରଣ ସୁବିଧାଗୁଡିକର ନିର୍ମାଣ ପାଇଁ ଉଦ୍ଦିଷ୍ଟ ସ୍ଥାନ ଉପରେ ପ୍ରସ୍ତାବ ପ୍ରେରଣ ପାଇଁ ଆବଶ୍ୟକ ପଡୁଥିବା ତଥ୍ୟାବଳୀର ସଂଗ୍ରହ ଏବଂ ସଂକଳନ କ୍ଷେତ୍ରରେ ଗ୍ରାମ ପଞ୍ଚାୟତକୁ ସହାୟତା କରିବା ।

ବି) **ସମାଜ କଲ୍ୟାଣ:** ବିବିଧ କଲ୍ୟାଣ ମୂଳକ ସ୍କିମ୍ ପାଇଁ ଉପଯୁକ୍ତ ବ୍ୟକ୍ତିମାନଙ୍କର ଯୋଗ୍ୟତାକୁ ଯାଞ୍ଚ କରିବା ; ଅଭିଭାବକ-ଶିକ୍ଷକମାନଙ୍କର ସଂଗଠନଗୁଡିକୁ ସହାୟତା କରିବା; ସାକ୍ଷରତା, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଯତ୍ନ ଏବଂ ପୁଷ୍ଟିସାଧନକୁ ପ୍ରୋତ୍ସାହନ ଦେବା; ସର୍ବସାଧାରଣ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡିକୁ ସହାୟତା ପ୍ରଦାନ କରିବା ।

ସି) **ତଦାରଖ:** ଉନ୍ନୟନ କାର୍ଯ୍ୟଗୁଡିକ ବିଷୟରେ ସୂଚନା ହାସଲ କରିବା; ସାମାଜିକ ସମୀକ୍ଷାର ଆୟୋଜନ କରିବା; ବିନିଯୋଗ ପ୍ରମାଣପତ୍ର ଗୁଡିକର ନିର୍ଗମନ କରିବା ; ୱ୍ୟାର୍ଡସଭାର ନିଷ୍ପତ୍ତିଗୁଡିକର ଅନୁଧାବନ କରିବା ; ଜଳ ଯୋଗାଣ, ରାସ୍ତା ଆଲୋକ ଇତ୍ୟାଦି ବ୍ୟବସ୍ଥାରେ ଥିବା ଦୋଷତ୍ରୁଟିକୁ ସୂଚାଇ ଦେବା ଏବଂ ସେଗୁଡିକର ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ଗୁଡିକୁ ସୁପାରିଶ୍ କରିବା; ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ନିୟୋଜିତ ଥିବା ହିତାଧିକାରୀ ଗୋଷ୍ଠୀସମୂହଙ୍କୁ ତଦାରଖ କରିବା ଏବଂ ସହାୟତା ପ୍ରଦାନ କରିବା ।

ଡି) **ସଚେତନତା ସୃଷ୍ଟି:** ସର୍ବସାଧାରଣ ସ୍ୱାର୍ଥ ଜଡିତ ଥିବା ପ୍ରସଙ୍ଗମାନ, ଯଥା ପରିଚ୍ଛନ୍ନତା; ପରିବେଶ ସୁରକ୍ଷା ; ସଦ୍‌ଭାବ ଓ ସଂହତିକୁ ପ୍ରୋତ୍ସାହନ ଦେବା ; ପରିମଳ ବ୍ୟବସ୍ଥା କ୍ଷେତ୍ରରେ ଗ୍ରାମ ପଞ୍ଚାୟତକୁ ସହଯୋଗ ପ୍ରଦାନ କରିବା ।

୩. ଅନ୍ୟାନ୍ୟ ବିଷୟ ସହିତ ଗ୍ରାମସଭାର ନିମ୍ନୋକ୍ତ କ୍ଷମତାବଳୀ ଓ ଦାୟିତ୍ୱାବଳୀ ରହିଛି:

ଏ) **ଉନ୍ନୟନ:-** ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପସମୂହକୁ ଚିହ୍ନଟ, ଅଗ୍ରାଧିକାର ଆରୋପ ଏବଂ ଅନୁମୋଦନ କରିବା ; ଆଦିବାସୀ ଉପ-ଯୋଜନା ସମେତ ସ୍ଥାନୀୟ ଯୋଜନାସମୂହ ଉପରେ ନିୟନ୍ତ୍ରଣ ରଖିବା; ଗ୍ରାମ ପଞ୍ଚାୟତର ବାର୍ଷିକ ଯୋଜନା ପ୍ରଣୟନ କ୍ଷେତ୍ରରେ ସୁପାରିଶ୍ ପ୍ରଦାନ କରିବା ; ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ; ଆବାଦୀ ଭୂସମ୍ପଦ ପାଇଁ ଉନ୍ନୟନ ଯୋଜନାସମୂହର ପ୍ରଣୟନ ଏବଂ ଅନୁମୋଦନ କରିବା; ଜଳ ଉତ୍ସ, ରାସ୍ତା, ଆଲୋକ ବ୍ୟବସ୍ଥା ଇତ୍ୟାଦି ଭଳି ସର୍ବସାଧାରଣ ସମ୍ପତ୍ତିଗୁଡିକର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣର ତତ୍ତ୍ୱାବଧାନ କରିବା ;

ବି) **ତଦାରଖ:-** ଗ୍ରାମ ପଞ୍ଚାୟତ ଦ୍ୱାରା ଯଥୋଚିତ ଭାବେ ପାଣ୍ଠି ବିନିଯୋଗ ହୋଇଛି ବୋଲି ନିର୍ଣ୍ଣୟ କରିବା ଏବଂ ପ୍ରମାଣ ପତ୍ର ଦେବା; ଦୁର୍ବଳ ଜନଗୋଷ୍ଠୀମାନଙ୍କୁ ଆବଣ୍ଟିତ ହୋଇଥିବା ଜମିର ସାମାଜିକ ସମୀକ୍ଷା କରିବା ; କୌଣସି କାର୍ଯ୍ୟ, ସ୍କିମ୍, ଆୟ ବା ବ୍ୟୟ ବିଷୟରେ ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷ/ସଦସ୍ୟମାନଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡିବା; ଗ୍ରାମ ପଞ୍ଚାୟତର ଅଡିଟ୍ ଏବଂ ହିସାବପତ୍ର ସଂପର୍କୀତ ରିପୋର୍ଟକୁ ଅନୁଧ୍ୟାନ କରିବା ; ଗ୍ରାମ ପଞ୍ଚାୟତକୁ ମାଧ୍ୟମ କରି ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥାସମୂହ ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନିୟନ୍ତ୍ରଣ ଜାରି ରଖିବା ।

ସି) **ଗ୍ରାମ ପରିଚାଳନା:-** ପ୍ରାକୃତିକ ସମ୍ପଦସମୂହର ପ୍ରବନ୍ଧନ; ସର୍ବସାଧାରଣ ଜମିର ପ୍ରବନ୍ଧନ ; ଲଘୁ ବନଜାତ ସାମଗ୍ରୀର ମାଲିକାନା ଓ ପ୍ରବନ୍ଧନ ; କ୍ରୀଡା ପ୍ରଦର୍ଶନ, ଦୋକାନ, ଭୋଜନାଳୟ ଇତ୍ୟାଦି ଉପରେ ନିୟନ୍ତ୍ରଣ ଓ ଆୟତ୍ତାଧୀନତା, ଗ୍ରାମ ହାଟଗୁଡିକର ପରିଚାଳନା; ଭୂମି ଅଧିଗ୍ରହଣ ଏବଂ ପୁନର୍ବାସ ଓ ପୁନଃସଂସ୍ଥାନ ପୂର୍ବରୁ ଗ୍ରାମସଭା ସହିତ ପରାମର୍ଶ କରଯିବାର ଆବଶ୍ୟକତା; ସଂପୃକ୍ତ ଅଞ୍ଚଳରେ ଅନୁସନ୍ଧାନମୂଳକ ଖୋଦନ ପାଇଁ ଲାଇସେନ୍ସ ମଞ୍ଜୁରି ବା ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପାଇଁ ଲିଜ୍ ପ୍ରଦାନ ଏବଂ ନିଲାମ ମାଧ୍ୟମରେ ଲଘୁ ଖଣିଜ ଦ୍ରବ୍ୟର ଉପଯୋଗ ପାଇଁ ରିହାତି ମଞ୍ଜୁରି ପୂର୍ବରୁ ସୁପାରିଶ୍ ପ୍ରଦାନ କରିବା ; ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି ପରିପ୍ରେକ୍ଷୀରେ ଆବଶ୍ୟକୀୟ ପଦକ୍ଷେପସମୂହର ବ୍ୟବସ୍ଥା କରିବା ଏବଂ ସେଗୁଡିକ ବିଷୟରେ ବିବରଣୀ ପ୍ରଦାନ କରିବା ।

ଡି) **ଅନ୍ୟାନ୍ୟ:-** ଲୋକମାନଙ୍କର ଯୋଗଦାନକୁ ସୁନିଶ୍ଚିତ କରିବା ; ସ୍ୱେଚ୍ଛାକୃତ ଶ୍ରମ ଯୋଗାଡ କରିବା ; ଶାନ୍ତି ଓ ସଦ୍‌ଭାବନାକୁ ପ୍ରୋତ୍ସାହନ ଦେବା ; ସାଧାରଣ ସଚେତନତା ସୃଷ୍ଟି କରିବା; ଗରିବ ଓ ଅନ୍ୟ କୌଣସି ପ୍ରକାରେ ବଞ୍ଚିତ ହୋଇଥିବା ବ୍ୟକ୍ତିମାନଙ୍କୁ ଚିକିତ୍ସା ସହାୟତା ଏବଂ ଅନ୍ୟ ପ୍ରକାର ସହାୟତା ଉଦ୍ଦେଶ୍ୟରେ ଋଣ ମଞ୍ଜୁରି କରିବା ।

**୪.** ଯଦି ଅର୍ଦ୍ଧାଧିକ ସଭ୍ୟମାନେ ଗୋପନୀୟ ଭୋଟ୍ ମାଧ୍ୟମରେ ନିଜର ମତ ପ୍ରକଟ କରନ୍ତି, ତେବେ ଗୋଟିଏ ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷଙ୍କୁ ପ୍ରତ୍ୟାହାର କରିନେବାର କ୍ଷମତା ଗ୍ରାମସଭାର ରହିଛି ।

**୫.** ବର୍ଷକରେ ଅନ୍ତତଃ ୪ ଥର ପାଇଁ ଓ୍ୟାର୍ଡସଭାର ବୈଠକ ବସିବ, ଏବଂ ପ୍ରତି ବୈଠକର ଅଧ୍ୟକ୍ଷତା କରିବେ ଗ୍ରାମ ପଞ୍ଚାୟତର ଜଣେ ସଭ୍ୟ । ଗ୍ରାମ ପଞ୍ଚାୟତ ଓ୍ୟାର୍ଡସଭା ଦ୍ୱାରା ଆଗତ ପ୍ରସ୍ତାବଗୁଡିକୁ ବିଚାରକୁ ନେବା ପାଇଁ ନିର୍ଦ୍ଦେଶିତ ହୋଇଛି ଏବଂ ବିଗତ ବର୍ଷରେ କାର୍ଯ୍ୟାନ୍ୱୀତ ହୋଇ ସାରିଥିବା ତଥା ଆଗାମୀ ବର୍ଷରେ କାର୍ଯ୍ୟାନ୍ୱୀତ ହେବାକୁ ଥିବା ଉନ୍ନୟନ କାର୍ଯ୍ୟକ୍ରମସମୂହ ସମ୍ବନ୍ଧରେ ଏକ ରିପୋର୍ଟ ଗ୍ରାମ ପଞ୍ଚାୟତ ଓ୍ୟାର୍ଡସଭା ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶିତ ହୋଇଛି ।

**୬.** ବର୍ଷକରେ ଅନ୍ତତଃ ୪ ଥର ପାଇଁ ଗ୍ରାମସଭାର ବୈଠକ ବସିବ । ଗ୍ରାମସଭାର ପ୍ରତି ବୈଠକର ଅଧ୍ୟକ୍ଷତା କରିବେ ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷ । ବିଗତ ବର୍ଷରେ କାର୍ଯ୍ୟାନ୍ୱୀତ ହୋଇ ସାରିଥିବା ତଥା ଚଳିତ ବର୍ଷରେ କାର୍ଯ୍ୟାନ୍ନୟନ ପାଇଁ ପ୍ରସ୍ତାବିତ ହୋଇଥିବା ଉନ୍ନୟନ କାର୍ଯ୍ୟକ୍ରମସମୂହ ତଥା ବ୍ୟୟ ଏବଂ ହିସାବ ସମ୍ବନ୍ଧରେ ଏକ ରିପୋର୍ଟକୁ ଗ୍ରାମସଭା ସମ୍ମୁଖରେ ଗ୍ରାମ ପଞ୍ଚାୟତ ଉପସ୍ଥାପନ କରିବାକୁ ପଡିବ । ଅଡିଟ୍ ଏବଂ ଫଳାଫଳ ଅଡିଟ୍ ସମ୍ବନ୍ଧରେ ଏକ ରିପୋର୍ଟ ଗ୍ରାମସଭାରେ ଆଲୋଚନା କରାଯିବ । ଗ୍ରାମ ପଞ୍ଚାୟତର ଯେ କୌଣସି ଅଧିକାରୀ ବୈଠକରେ ଯୋଗଦାନ କରନ୍ତୁ ବୋଲି ଅଧ୍ୟକ୍ଷ ଚାହିଁ ପାରନ୍ତି ।

**୭.** ପଞ୍ଚାୟତର କାର୍ଯ୍ୟକଳାପ ସମ୍ବନ୍ଧରେ ନାଗରିକମାନଙ୍କର ମତାମତ ପ୍ରାପ୍ତିର ବ୍ୟବସ୍ଥାକୁ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାରମାନେ କାର୍ଯ୍ୟ ମୂଲ୍ୟାୟନର ଏକ ପଦ୍ଧତି ରୂପେ 'ନାଗରିକ ରିପୋର୍ଟ କାର୍ଡ' ଚାଲୁ କରିବା ଉଚିତ୍ ; ସୂଚନା ଅଧିକାର ଆଇନ୍ ଅଧୀନରେ ସୂଚନାର ସ୍ୱୟଂ-ପ୍ରକଟନ ବ୍ୟବସ୍ଥା ସେହିସମସ୍ତ କ୍ଷେତ୍ର ପ୍ରତି ପଯୁଜ୍ୟ ରହିବ, ଯେଉଁଠି ସର୍ବସାଧାରଣ ସ୍ୱାର୍ଥ ଜଡିତ ରହିଛି । ସରକାର ସାମାଜିକ ସମୀକ୍ଷାର ଆୟୋଜନକୁ ମଧ୍ୟ ସୁନିଶ୍ଚିତ କରିବା ଜରୁରୀ ।

---------------------------------------------

ସଂଲଗ୍ନ ନଥି-୪

# ଗ୍ରାମସଭା ପାଇଁ ତଦାରଖ ପ୍ରରୂପ (ମନିଟରିଂ ଫର୍ମାଟ୍)

## *ଫର୍ମାଟ୍–ଏ : ଗ୍ରାମ ପଞ୍ଚାୟତ ବିଷୟରେ ସାଧାରଣ ସୂଚନା*

(ପ୍ରତିଥର ଗ୍ରାମ ପଞ୍ଚାୟତକୁ ନିର୍ବାଚନ ସରିବା ପରେ ଏହା ପୂରଣ କରାଯିବ)

<table>
<tr><td>ଗ୍ରାମ ପଞ୍ଚାୟତର ନାମ</td><td colspan="5"></td></tr>
<tr><td>ଗ୍ରାମ/ଗ୍ରାମମାନଙ୍କର ନାମ</td><td colspan="5"></td></tr>
<tr><td>ବ୍ଲକ୍‌ର ନାମ</td><td colspan="5"></td></tr>
<tr><td>ଜିଲ୍ଲାର ନାମ</td><td colspan="5"></td></tr>
<tr><td>ୱାର୍ଡଗୁଡିକର ସଂଖ୍ୟା</td><td colspan="5"></td></tr>
<tr><td>ପଞ୍ଚାୟତ ସଭ୍ୟମାନଙ୍କର ସଂଖ୍ୟା</td><td colspan="5">ଏସ୍.ସି. . . . ଏସ୍.ଟି. . . . ଓବିସି . . . . ମହିଳା . . . . . . ମୋଟ୍</td></tr>
<tr><td rowspan="3">ନିର୍ବାଚନ ପରିଚାଳନା ପାଇଁ ବ୍ୟବହୃତ ହେଉଥିବା ପରିସଂଖ୍ୟାନ ଅନୁଯାୟୀ ମୋଟ୍ ବୟସ୍କ ସଂଖ୍ୟା</td><td></td><td>ଏସ୍.ସି.</td><td>ଏସ୍.ଟି.</td><td>ଓବିସି</td><td>ମୋଟ୍</td></tr>
<tr><td>ପୁରୁଷ</td><td></td><td></td><td></td><td></td></tr>
<tr><td>ମହିଳା</td><td></td><td></td><td></td><td></td></tr>
</table>

## *ଫର୍ମାଟ୍ – ବି : ଗ୍ରାମସଭାର କାର୍ଯ୍ୟଶୈଳୀ*

(ପ୍ରତିଥର ଗ୍ରାମ ସଭା ବୈଠକ ସରିବା ପରେ ଏହା ପୂରଣ କରାଯିବ)

<u>ବୈଠକର ଅନୁସୂଚୀ</u>

(୧) . . . . . ବର୍ଷର ଯେଉଁ ମାସଗୁଡିକରେ ସାଧାରଣ ସଭାର ବୈଠକମାନ ଅନୁଷ୍ଠିତ ହେବ

| କ୍ର.ସଂ. | ଭାସ |
|---|---|
| | |

(୨) ଆବଶ୍ୟକ ପଡୁଥିବା ନ୍ୟୂନତମ ଉପସ୍ଥାନ (କୋରମ୍):

## ବୈଠକର ଆୟୋଜନ

(୧) (ଏ) କେଉଁ ତାରିଖରେ ବୈଠକ ଅନୁଷ୍ଠିତ ହୋଇଥିଲା:

(ବି) କେବେ ବୈଠକର ନୋଟିସ୍ ନିର୍ଗମିତ ହୋଇଥିଲା ?:

(୨) ବୈଠକର ମୁଖ୍ୟ ବିଷୟସୂଚୀ କ'ଣ ଥିଲା ?

(୩) ଗ୍ରାମସଭା ବୈଠକଗୁଡିକରେ ନିୟମିତ ଭାବେ ଅନୁପସ୍ଥିତ ରହୁଥିବା ବ୍ୟକ୍ତିମାନଙ୍କୁ ଯୋଗଦାନ ପାଇଁ ବିଶେଷ କରି ଅନୁରୋଧ କରାଯାଇ ଥିଲା କି ?

(ଏ) ଯଦି ହଁ, ତେବେ କିପରି ?

## ବୈଠକର ପରିଚାଳନା

(୪) କେତେଜଣ ବ୍ୟକ୍ତି ବୈଠକରେ ଯୋଗ ଦେଇଥିଲେ (ସଂଖ୍ୟା) .. . . . . . . . . .

(ଏ) ଏସ୍.ସି. . . . (ବି) ଏସ୍.ଟି. . . . (ସି) ମହିଳା . . . . . (ଡି) ଓବିସି . . . . . (ଇ) ଅନ୍ୟାନ୍ୟ . . . .

(୫) ଏସ୍.ସି./ଏସ୍.ଟି./ମହିଳା ସଭ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ କି ?

(ଏ) ଯଦି ହଁ, ତେବେ ଉପରୋକ୍ତ ପ୍ରତି ଗୋଷ୍ଠୀ ଦ୍ୱାରା ଉତ୍ଥାପିତ ପ୍ରସଙ୍ଗମାନ

(୬) ଗ୍ରାମସଭା ବୈଠକରେ ଏନ୍.ଜି.ଓ. ମାନେ ଯୋଗ ଦେଇଥିଲେ କି ?

(ଏ) ଯଦି ହଁ, ତେବେ ସେମାନଙ୍କର ଭୂମିକା କ'ଣ ଥିଲା ?

(୭) ଗତ ବୈଠକର ବିବରଣୀ ଏବଂ ତାହା ଉପରେ ଗୃହୀତ କାର୍ଯ୍ୟାନୁଷ୍ଠାନ ଆଲୋଚନା ହୋଇଥିଲା କି ?

(ଏ) ଯଦି ହଁ, ତେବେ ଗୃହୀତ କାର୍ଯ୍ୟାନୁଷ୍ଠାନ ଉପରେ ଏକ ସଂକ୍ଷିପ୍ତ ସୂଚନା ଦିଅନ୍ତୁ

(୮) କେଉଁସବୁ ପ୍ରସଙ୍ଗ ବୈଠକରେ ଆଲୋଚିତ ହୋଇଥିଲା-

| କ୍ର.ସଂ. | ଆଲୋଚିତ ବିଷୟମାନ | ପ୍ରକାଶିତ ମତାମତ (କେଉଁମାନେ ଏହିସବୁ ମତାମତ ଦେଇଥିଲେ, ତାହା ସୂଚାନ୍ତୁ ) | ଗୃହୀତ ନିଷ୍ପତ୍ତି | ନିଷ୍ପତ୍ତିରେ ପହଞ୍ଚିବାର ପଦ୍ଧତି (ସହମତି ବା ଅନ୍ୟ କୌଣସି ଉପାୟ) |
|---|---|---|---|---|
| | | | | |

(୯) ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ସମସ୍ତ ସଭ୍ୟଙ୍କୁ ନିଜର ମତାପ୍ରକାଶ ପାଇଁ ସୁଯୋଗ ଦିଆଯାଇଥିଲା କି ?

(ଏ) ଯଦି ହଁ, ତେବେ କିପରି ?

ବୈଠକର ବିବରଣୀ

(୧୦) ବିବରଣୀକୁ ଚୂଡାନ୍ତ ରୂପ ଦିଆଯାଇଛି କି ?

(ଏ) ଯଦି ହଁ, ତେବେ ଏହାର ଏକ ନକଲ ସଂଲଗ୍ନ କରନ୍ତୁ

(୧୧) ବୈଠକର ବିବରଣୀକୁ ଗ୍ରା.ପ.ର ନୋଟିସ୍ ଫଳକରେ ତଥା ଅନ-ଲାଇନ୍ ସ୍ଥାନିତ କରାଯାଇଛି କି ?

(ଏ) ନୋଟିସ୍ ଫଳକ (ବି) ଅନ୍-ଲାଇନ୍ (ସି) ନାହିଁ

ଏନ୍.ଆର୍.ଇ.ଜି.ଏ.

(୧୨) ଏନ୍.ଆର୍.ଇ.ଜି.ଏ.ର ଯୋଜନା ପ୍ରଣୟନ ତଥା ପ୍ରକଳ୍ପ-ଗୁଚ୍ଛ ପ୍ରସ୍ତୁତିରେ ଗ୍ରାମସଭା କିପରି ଅଂଶଗ୍ରହଣ କରିଥିଲା ? କାର୍ଯ୍ୟସମୂହର ନାମ ତଥା ପ୍ରସ୍ତାବିତ ଅନୁଧାବନ ବିଷୟରେ ସୂଚନା ଦିଅନ୍ତୁ

(୧୩) ନିମ୍ନୋକ୍ତ କୌଣସି ବ୍ୟାପାରରେ କିଛି ଅଭିଯୋଗ ଉଠିଥିଲା କି ? (ଯଦି ହଁ, ତେବେ ନିର୍ଦ୍ଦିଷ୍ଟ ଭାବେ ସୂଚାନ୍ତୁ )

(ଏ) ପରିବାରଗୁଡିକର ପଞ୍ଜିକରଣ ।

(ବି) ଜବ୍ କାର୍ଡଗୁଡିକର ଆବଣ୍ଟନ ।

(ସି) କାର୍ଯ୍ୟ ପାଇଁ ଦରଖାସ୍ତ ଗ୍ରହଣ ।

(ଡି) କାର୍ଯ୍ୟର ସ୍ଥାନ ସମେତ ଗ୍ରା.ପ.ଦ୍ୱାରା ସମ୍ପାଦିତ କାର୍ଯ୍ୟଗୁଡିକର ଚୟନ ।

(ଇ) ମଜୁରି ପଇଠ: ମଜୁରି ନମିଳିବା, ବିଳମ୍ବରେ ମିଳିବା, କମ୍ ମଜୁରି ମିଳିବା, ଅବିଦ୍ୟମାନ ଶ୍ରମିକମାନଙ୍କୁ ମଜୁରି ପଇଠ କରାଯିବା, ଅବିଦ୍ୟମାନ କାର୍ଯ୍ୟମାନ ପାଇଁ ମଜୁରି ପଇଠ କରାଯିବା, ନ୍ୟୁନତମ ମଜୁରିରୁ କମ୍ ପଇଠ କରାଯିବା ।

(ଏଫ୍) କାର୍ଯ୍ୟର ଗୁଣାତ୍ମକତା ।

(ଜି) ଅନ୍ୟାନ୍ୟ ।

(୧୪) ଏନ୍.ଆର୍.ଇ.ଜି.ଏ. ଅଧୀନରେ କାର୍ଯ୍ୟ ଦାବୀ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଏବଂ ପ୍ରସ୍ତାବିତ କାର୍ଯ୍ୟପନ୍ଥା

(୧୫) ନିର୍ଦ୍ଦିଷ୍ଟ ଭାବେ ସୂଚନା ଦିଅନ୍ତୁ, କୌଣସି ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟର ସାମଜିକ ସମୀକ୍ଷା ପରିଚାଳିତ ହୋଇଥିଲା କି ଏବଂ ତହିଁର ଫଳାଫଳ

## *ଫର୍ମାଟ୍ – ସି : ଯୋଜନା ପ୍ରସ୍ତୁତି, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ*

(ପ୍ରତି ତିନି ମାସରେ ଥରେ ପୂରଣ କରାଯିବ)

(୧) ଗ୍ରାମ ପଞ୍ଚାୟତର ପ୍ରାଚୀର/ନୋଟିସ୍ ଫଳକ /ଅନ୍-ଲାଇନ୍‌ରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଓ ଉନ୍ନୟନ ପ୍ରକଳ୍ପ ଗୁଡିକର ସମସ୍ତ ହିତାଧିକାରୀମାନଙ୍କ ସମ୍ବନ୍ଧରେ ସବିଶେଷ ସୂଚନା ସ୍ଥାନିତ ହୋଇଛି କି ?

(ଏ) ଯଦି ହଁ, ତେବେ ସ୍ଥାନିତ ସୂଚନାବଳୀ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ସୂଚନା ଦିଅନ୍ତୁ ।

(୨) ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସାମାଜିକ ସମୀକ୍ଷାରେ ଗ୍ରାମସଭାର ଭୂମିକା ସମ୍ବନ୍ଧରେ ସବିଶେଷ ସୂଚନା ଦିଅନ୍ତୁ । ଶେଷରେ ଅନୁଷ୍ଠିତ ହୋଇଥିବା ଏଭଳି ଏକ ସାମାଜିକ ସମୀକ୍ଷାର ଫଳାଫଳ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ନିଆଯାଇଛି ?

(୩) ତୃଣମୂଳ-ସ୍ତରୀୟ/ ତଳୁ-ଉର୍ଦ୍ଧ୍ୱକୁ ଯୋଜନା ପ୍ରକ୍ରିୟାର ପରିଣତି ସ୍ୱରୂପ ଗ୍ରାମ ପଞ୍ଚାୟତ ଯୋଜନା ପ୍ରସ୍ତୁତ ହୋଇଥାଏ, ଏହି ପ୍ରକ୍ରିୟାରେ ଗ୍ରାମସଭା କିପରି ଜଡିତ ହୋଇଛି ? ଯଦି ଜଡିତ ହୋଇନାହିଁ, ତେବେ ତହିଁର କାରଣମାନ କ'ଣ ? ଯଦି ହୋଇଅଛି, ତହିଁର ସବିଶେଷ ସୂଚନା ପ୍ରଦାନ କରନ୍ତୁ ।

. . . . . . . . . . .. . . . .

**Oriya translation from English by Chitta Behera, 4A Jubilee Tower, Choudhury Bazar, Cuttack-9, Orissa, Email- chittabehera1@yahoo.co.in, M- 9437577546, Dt 1st Jan. 2010**